# NATIONAL NEWS BULLETIN (ODIA)

## 28 March - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି ହେବ ।
- ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ଗତକାଲି ଆଉ ୧୪ ଜଣିଆ ପ୍ରାର୍ଥୀ ତାଲିକା ଜାରି କରିଛି ।
- ପ୍ରଥମ ପର୍ଯ୍ୟାୟ ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ଗତକାଲି ବିଭିନ୍ନ ରାଜ୍ୟରେ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି ।
- ସୂଚନା-ପ୍ରସାରଣ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ବିକଶିତ୍ ଭାରତ ରାଷ୍ଟ୍ରଦୂତ, ଶିଳ୍ପପତି ଓ ଷ୍ଟାର୍ଟଅପ୍ ଯୁବକମାନଙ୍କ ସହ ଆଲୋଚନା କରିଛନ୍ତି ।

ଏବଂ

- ଆଜି ଆଇପିଏଲ୍‌ରେ ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ ।

## ସେକେଣ୍ଡ ଫେଜ୍ ନୋଟିଫିକେସନ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି ହେବ । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ଓ ଆଉଟ୍‌ର ମଣିପୁର ର ଗୋଟିଏ ଆସନରେ ମତଦାନ ହେବ । କେରଳର ୨୦ଟି ଲୋକସଭା ଆସନ, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ, ମଧ୍ୟପ୍ରଦେଶର ୭ଟି, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଏବଂ ମଣିପୁର, ତ୍ରିପୁରା ଓ ଜାମ୍ମୁ କାଶ୍ମୀରର ଗୋଟିଏ ଲେଖାଏଁ ଲୋକସଭା ଆସନରେ ମତଦାନ ହେବ । ପ୍ରାର୍ଥିପତ୍ର ଦାଖଲ ଏପ୍ରିଲ୍ ୪ ତାରିଖରେ ହେବ ଓ ମତଦାନ ଏପ୍ରିଲ୍ ୨୬ ତାରିଖରେ ହେବ । କେବଳ ଜାମ୍ମୁ-କାଶ୍ମୀରକୁ ଛାଡ଼ି ଏପ୍ରିଲ ୫ ତାରିଖରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରାର୍ଥୀପତ୍ର ଗୁଡ଼ିକ ଯାଞ୍ଚ କରାଯିବ। ଜାମ୍ମୁ-କାଶ୍ମୀରରେ ଏପ୍ରିଲ ୬ ତାରିଖରେ ପ୍ରାର୍ଥପୀତ୍ରଗୁଡ଼ିକ ଯାଞ୍ଚ କରାଯିବ।

## କଂଗ୍ରେସ-ଲିଷ୍ଟ

ଆଗାମୀ ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ଗତକାଲି ଆଉ ୧୪ ଜଣିଆ ପ୍ରାର୍ଥୀ ତାଲିକା ଜାରି କରିଛି। ଦଳ ଗାଜିଆବାଦ ଲୋକସଭା ଆସନରୁ ଡଲି ଶର୍ମାଙ୍କୁ ପ୍ରାର୍ଥୀ କରିଥିବା ବେଳେ ନକୁଲ ଦୁବେ ୟୁପିର

ସୀତାପୁର ଆସନରୁ ଲଢ଼ିବେ। ଦଳୀୟ ନେତା କାଳୀଚରଣ ମୁଣ୍ଡା ଝାଡ଼ଖଣ୍ଡର ଖୁଣ୍ଟି ଲୋକସଭା ଆସନରୁ ନିର୍ବାଚନ ଲଢ଼ିବେ। ପ୍ରତାପ ଭାନୁ ଶର୍ମାଙ୍କୁ ବିଦିଶାରୁ ଏବଂ ରାଓ ଯାଦବେନ୍ଦ୍ର ସିଂହଙ୍କୁ ମଧ୍ୟପ୍ରଦେଶର ଗୁନା ଲୋକସଭା ଆସନରୁ ଟିକେଟ୍ ଦିଆଯାଇଛି।

## ମହାରାଷ୍ଟ୍ର ପୁଲ୍ ଅପଡେଟ୍

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଗତକାଲି ଶେଷ ହୋଇଥିବା ନାମାଙ୍କନ ପତ୍ର ଗୁଡ଼ିକର ଆଜି ଯାଞ୍ଚ କରାଯିବ ଏବଂ ମାର୍ଚ୍ଚ ୩୦ ତାରିଖ ଆବେଦନ ପ୍ରତ୍ୟାହାରର ଶେଷ ତାରିଖ ବୋଲି ନିର୍ବାଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ପର୍ଯ୍ୟାୟରେ ମହାରାଷ୍ଟ୍ରର ନାଗପୁର, ରାମଟେକ, ଚନ୍ଦ୍ରପୁର, ଭଣ୍ଡାରା-ଗୋଣ୍ଡିଆ ଏବଂ ଗଡ଼ଚିରୋଲି-ଚିମୁର ଭଳି ୫ଟି ଲୋକସଭା ଆସନରେ ମତଦାନ ହେବ । ଏହି ୫ଟି ନିର୍ବାଚନ ମଣ୍ଡଳୀରେ ଗତକାଲି ଦିନ ଶେଷ ସୁଦ୍ଧା ୧୮୩ ଜଣ ପ୍ରାର୍ଥୀ ଆବେଦନ ପତ୍ର ଦାଖଲ କରିଛନ୍ତି। ଏଥିରେ ନାଗପୁରରୁ ୫୪, ରାମଟେକରୁ ୪୧, ଭଣ୍ଡାରାରୁ ୪୦, ଚନ୍ଦ୍ରପୁରରୁ ୩୬ ଏବଂ ଗଡ଼ଚିରୋଲିରୁ ୧୨ ଜଣ ପ୍ରାର୍ଥୀ ରହିଛନ୍ତି।

ନାଗପୁର ନିର୍ବାଚନ ମଣ୍ଡଳୀରେ ବିଜେପିର ବର୍ତ୍ତମାନର ସାଂସଦ ନୀତିନ ଗଡକରୀ ଏବଂ କଂଗ୍ରେସର ବିକାଶ ଠାକରେ ନିର୍ବାଚନ ଲଢୁଛନ୍ତି । ବଞ୍ଚିତ ବହୁଜନ ଆଘାଡି ଏହି ନିର୍ବାଚନ ମଣ୍ଡଳୀରେ ଠାକରେଙ୍କୁ ସମର୍ଥନ କରିବ ।

ଗଡ଼ଚିରୋଲି-ଚିମୁର ନିର୍ବାଚନ ମଣ୍ଡଳୀରେ ବିଜେପିର ବର୍ତ୍ତମାନର ସାଂସଦ ଅଶୋକ ନେତେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କଂଗ୍ରେସରୁ ନାମଦେବ କିର୍ସନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

## ଏମ୍‌ପି-ନୋମିନେସନ୍

ସେହିପରି ମଧ୍ୟପ୍ରଦେଶରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଗତକାଲି ଶେଷ ଦିନରେ ବିଜେପି ଓ କଂଗ୍ରେସ ସମେତ ସମସ୍ତ ଦଳର ପ୍ରମୁଖ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

ଗତ ଲୋକସଭା ନିର୍ବାଚନରେ ରାଜ୍ୟର ମୋଟ ୨୯ଟି ଆସନରୁ ଛିନ୍ଦୱାଡାକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ୨୮ଟି ଆସନରେ ବିଜେପି ବିଜୟୀ ହୋଇଥିଲା ।

ଅନ୍ୟ ପକ୍ଷରେ ମଧ୍ୟପ୍ରଦେଶ ପାଇଁ କଂଗ୍ରେସ ପକ୍ଷରୁ ଗତକାଲି ଷ୍ଟାର ପ୍ରଚାରକ ତାଲିକା ଜାରି କରାଯାଇଛି । ଏହି ତାଲିକାରେ କଂଗ୍ରେସ ରାଷ୍ଟ୍ରୀୟ

ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀଙ୍କ ସମେତ ୪୦ ଜଣ ନେତାଙ୍କ ନାମ ରହିଛି ।

## ଜେଆଣ୍ଡକେ ଉଧମପୁର ନୋମିନେସନ୍

ସେହିପରି ଜମ୍ମୁ-କଶ୍ମୀରର ଉଧମପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ଗତକାଲି ୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଗତକାଲି ୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବା ପରେ ୪-ଉଧମପୁର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି । ଆସନ୍ତାକାଲି ଅପରାହ୍ନ ୧ଟାରେ ନାମାଙ୍କନପତ୍ର ଯାଞ୍ଚ ହେବ ଏବଂ ୩୦ ତାରିଖ ଦିନ ଅପରାହ୍ନ ୩ଟା ପୂର୍ବରୁ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ ।

## ମଣିପୁର-ନୋମିନେସନ୍

ମଣିପୁରରେ ଗତକାଲି ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ମଣିପୁର ସଂସଦୀୟ ନିର୍ବାଚନ ମଣ୍ଡଳୀର ଦୁଇଟି ଆସନ ପାଇଁ ୧୧ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

ବିଜେପି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବର୍ତ୍ତମାନର ରାଜ୍ୟ ଶିକ୍ଷାମନ୍ତ୍ରୀ ଥୋନାଓଜାମ ବସନ୍ତ କୁମାରଙ୍କ ସମେତ ୬ ଜଣ ପ୍ରାର୍ଥୀ ଭିତର ମଣିପୁର ସଂସଦୀୟ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଗତକାଲି ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ଏମ୍‌ପି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମଣିପୁର ଚଳଚ୍ଚିତ୍ର ଅଭିନେତା ଆର.କେ ସୋମେରେନ୍ଦ୍ରୋ ମଣିପୁର ଇନର ଆସନରୁ ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି।

ଆଉଟର୍ ମଣିପୁର ସଂସଦୀୟ ନିର୍ବାଚନ ମଣ୍ଡଳୀରେ ଗତକାଲି ସନ୍ଧ୍ୟା ସୁଦ୍ଧା ୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ଆଜି ଉଭୟ ଇନର ଓ ଆଉଟର ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ମଣିପୁରର ଦୁଇଟି ଆସନ ପାଇଁ ଏପ୍ରିଲ ୧୯ ଓ ୨୬ ତାରିଖରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ।

## ବିହାର-ନୋମିନେସନ୍

ବିହାରରେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନର ସଂସଦୀୟ କ୍ଷେତ୍ର ଗୟା, ଔରଙ୍ଗାବାଦ, ନୱାଦା ଏବଂ ଜାମୁଇ ପାଇଁ ଆଜି ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ରହିଛି। ଏଠାରେ ମାର୍ଚ୍ଚ ୩୦ ତାରିଖରେ

କାଗଜପତ୍ର ଯାଞ୍ଚ ହେବ। ହୋଲି ପର୍ବ ଓ ବିହାର ପ୍ରତିଷ୍ଠା ଦିବସକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ନାମାଙ୍କନ ଦାଖଲର ଶେଷ ତାରିଖକୁ ଗୋଟିଏ ଦିନ ବୃଦ୍ଧି କରିଥିଲେ ।

ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖରେ ଆଜି ଏନ୍‌ଡିଏ ଓ ମହାମେଣ୍ଟର ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିବେ । ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ୪ଟି ଯାକ ଆସନରେ ଏପର୍ଯ୍ୟନ୍ତ ମାତ୍ର ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏନ୍‌ଡିଏ ପକ୍ଷରୁ ବିଜେପି ୨ଟି ଆସନରେ ଲଢୁଥିବା ବେଳେ ଗୋଟିଏ ଲେଖାଏଁ ଆସନରେ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଓ ଲୋକ ଜନଶକ୍ତି ପାର୍ଟି (ଆର୍) ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ଆର୍ମି ଚିଫ୍

ଭବିଷ୍ୟତ ପାଇଁ ଆତ୍ମନିର୍ଭରଶୀଳତା ଏକ ରଣନୈତିକ ଆବଶ୍ୟକତା ବୋଲି ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ କହିଛନ୍ତି। ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ୍ ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀରେ ଜେନେରାଲ ପାଣ୍ଡେ କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ଦେଶର ଦକ୍ଷତା ବିକାଶ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି ।

ଚୀନ୍ ସମ୍ପର୍କରେ ଜେନେରାଲ୍ ପାଣ୍ଡେ କହିଛନ୍ତି, ଭାରତ ଏହାର ଉତ୍ତର ସୀମାରେ ସାମର୍ଥ୍ୟ ବିକାଶ ସହିତ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛି । ସେ କହିଛନ୍ତି, ସୀମାପାର ଗତିବିଧି ଉପରେ ଭାରତ ତୀକ୍ଷ୍ଣ ନଜର ରଖିଛି ।

## ପଞ୍ଜାବ-ପ୍ରୋଫାଇଲ୍

ପଞ୍ଜାବ ସମେତ ଦେଶର ବିଭିନ୍ନ ସ୍ଥାନରେ ଲୋକସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି । ଜୁନ୍ ପହିଲାରେ ରାଜ୍ୟରେ ସପ୍ତମ ତଥା ଶେଷ ପର୍ଯ୍ୟାୟ ମତଦାନ ପାଇଁ ମେ’ ୫ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣୁ ଅଧିକାଂଶ ରାଜନୈତିକ ଦଳ ଏବେ ବି ପ୍ରାର୍ଥୀଙ୍କ ନାମ ଉପରେ ବିଚାର କରୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ପଞ୍ଜାବରେ ୬୫ ପ୍ରତିଶତରୁ ଅଧିକ ମତଦାନ ରେକର୍ଡ କରାଯାଇଥିଲା । ‘ଇସ୍ ବାର୍-୭୦ ପାର୍’କୁ ଅତିକ୍ରମ କରିବା ଲକ୍ଷ୍ୟ ନେଇ ମତଦାତାଙ୍କୁ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସଚେତନ କରାଯାଇଛି । ଏଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଚାଲିଛି।

ପଞ୍ଜାବର ଦୋଆବା, ମାଝା ଓ ମାଲୱା ଅଞ୍ଚଳରେ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ୪ଟି ଲୋକସଭା ଆସନ ସମେତ ୧୩ଟି ଲୋକସଭା ନିର୍ବାଚନ ମଣ୍ଡଳୀ ରହିଛି। ସମୁଦାୟ ଭୋଟର ସଂଖ୍ୟା ୨ କୋଟି ୧୨ ଲକ୍ଷ

୭୧ ହଜାର ୨୪୬, ଯାହା କି ୨୦୧୯ ଲୋକସଭା ନିର୍ବାଚନ ତୁଳନାରେ ୩ ଲକ୍ଷ ୭୮ ହଜାର ୫୭୩ ଅଧିକ। ପ୍ରଥମ ଥର ପାଇଁ ୪ ଲକ୍ଷ ୮୯ ହଜାର ୬୩୧ ଜଣ ଯୁବ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଶାସକ ଆମ୍ ଆଦମୀ ପାର୍ଟି ଏପର୍ଯ୍ୟନ୍ତ ୮ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଏବଂ ସେମାନଙ୍କ ମଧ୍ୟରୁ ୫ ଜଣ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ଅଛନ୍ତି। ବିଜେପି, କଂଗ୍ରେସ ଓ ଶିରୋମଣି ଅକାଳୀ ଦଳ ସମେତ ଅନ୍ୟ ସବୁ ପ୍ରମୁଖ ରାଜନୈତିକ ଦଳ ଏବେ ବି ପ୍ରାର୍ଥୀଙ୍କ ନାମ ଉପରେ ବିଚାର କରୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ୮ଟି ଆସନରେ ବିଜୟୀ ହୋଇଥିବା ବେଳେ ଏନ୍‌ଡିଏ ମେଣ୍ଟ ୪ଟି ଆସନରେ ଏବଂ ଆମ୍ ଆଦମୀ ପାର୍ଟି ଗୋଟିଏ ଆସନରେ ବିଜୟୀ ହୋଇଥିଲା। ଏଥର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମେଣ୍ଟ ହୋଇପାରିନଥିବାରୁ ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ।

## ଅନୁରାଗ ଠାକୁର

ସୂଚନା-ପ୍ରସାରଣ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ଗତକାଲି ସନ୍ଧ୍ୟାରେ ବିକସିତ୍ ଭାରତ ରାଷ୍ଟ୍ରଦୂତ, ଶିଳ୍ପପତି ଓ ଷ୍ଟାର୍ଟଅପ୍ ଯୁବକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି।

ଜାମ୍ମୁର ବ୍ୟବସାୟୀ, ଶିଳ୍ପପତି, ଯୁବ ଷ୍ଟାର୍ଟଅପ୍ ଉଦ୍ୟୋଗୀମାନେ ସରକାର ନୂତନ ଷ୍ଟାର୍ଟଅପ୍ ପାଇଁ ଅଧିକ ଜମି ଯୋଗାଇ ଦିଅନ୍ତୁ ଏବଂ ଶିଳ୍ପ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ପ୍ରଦାନ କରନ୍ତୁ ବୋଲି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଷ୍ଟାର୍ଟଅପ୍ ଆରମ୍ଭ କରିଥିବା ଯୁବକମାନେ ଅନୁରାଗ ଠାକୁରଙ୍କୁ ସ୍ୱତନ୍ତ୍ର ମାର୍କେଟିଂ ଏବଂ ସବ୍ସିଡି ପ୍ୟାକେଜ୍ ଦେବାକୁ ମଧ୍ୟ ଅନୁରୋଧ କରିଛନ୍ତି।

ମନ୍ତ୍ରୀଙ୍କୁ ଭେଟିଥିବା ଚଳଚ୍ଚିତ୍ର ଜଗତର ଲୋକ ଏବଂ କ୍ରୀଡ଼ାବିତ୍‌ମାନେ କହିଛନ୍ତି, ଗତ ୪ରୁ ୫ ବର୍ଷ ହେବ ବଲିଉଡ୍ ଇଣ୍ଡଷ୍ଟ୍ରି ପୁଣି ଥରେ ଜାମ୍ମୁ-କଶ୍ମୀରକୁ ଆସିବା ଆରମ୍ଭ କରିଛି ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କ୍ରୀଡ଼ା କାର୍ଯ୍ୟକଳାପ ବୃଦ୍ଧି ପାଇଛି।

## ଆଇପିଏଲ୍

ଆଇପିଏଲରେ ଗତକାଲି ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୩୧ ରନ୍ ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ବିନିମୟରେ ୨୭୭ ରନ୍‌ର ବିଶାଳ ସ୍କୋର କରିଥିଲା। ହାଇଦ୍ରାବାଦ ପକ୍ଷରୁ ହେନରିକ୍ କ୍ଲାସେନ୍

୩୪ ବଲ୍ ରୁ ୮୦, ଅଭିଷେକ ଶର୍ମା ୨୩ ବଲ୍ ରୁ ୬୩ ଓ ଟ୍ରାଭିସ୍ ହେଡ୍ ୨୪ ବଲ୍ ରୁ ୬୨ ରନ୍ କରିଥିଲେ।

୨୭୮ ରନର ଟାର୍ଗେଟକୁ ପିଛା କରୁଥିବା ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୫ ୱିକେଟ୍ ହରାଇ ୨୪୬ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ମୁମ୍ବାଇ ପକ୍ଷରୁ ତିଲକ ବର୍ମା ୩୪ ରନ୍ ଦେଇ ୬୪ ରନ୍ କରିଥିଲେ। କ୍ଲାସେନ୍ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା।

ଆଜି ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହେବେ। ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୭ଟାରୁ ଆରମ୍ଭ ହେବ।